PR No- ୫୨୧ / ୨୦୨୫

OFFICE OF THE TAHASILDAR * BARIPADA, MAYURBHANJ *

# ତହସିଲଦାରଙ୍କ କାର୍ଯ୍ୟାଳୟ,ବାରିପଦା

**ଇସ୍ତାହାର** (ଡି-ରିଜର୍ଭେସନ କେସ ନଂ- ୦୨ / ୨୦୨୫)

( ସରକାରୀ ଜମିର ଖାତା ପରିବର୍ତ୍ତନ ସମ୍ବନ୍ଧେ )

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ, ନିମ୍ନ ତଫସିଲ ବର୍ଣ୍ଣିତ ଜମି ***ଓଡିଶା ସରକାର,*** **ସମବାୟ ବିଭାଗକୁ ବଡ଼ଯୋଡ ଲ୍ୟାମ୍ପସ କାର୍ଯ୍ୟାଳୟ ଏବଂ ଗୋଦାମ ଗୃହ ନିର୍ମାଣ** ନିମନ୍ତେ ଏଲାଇନେସନ ସୂତ୍ରେ ବନ୍ଦୋବସ୍ତ କରିବାର ପ୍ରସ୍ତାବ ହୋଇଅଛି । ଯେହେତୁ ଉକ୍ତ ଜମି ସରକାରୀ ରକ୍ଷିତ ଖାତା ଏବଂ କିସମ- ଉନ୍ନତ ଯୋଜନା ଯୋଗ୍ୟ ଅଛି ତାର ପରିବର୍ତ୍ତନ ଆବଶ୍ୟକ ହେଉଅଛି । ଏଣୁ ଏହି ଖାତା ଏବଂ କିସମ ପରିବର୍ତ୍ତନରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ଵାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟ ଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**ତ ଫ ସି ଲ**

ମୌଜାର ନାମ- ବଡ଼ଯୋଡ ଥାନାର ନାମ :- ବେତନଟୀ ନଂ:- ୧୯

| ଖାତା ନଂ | ପ୍ଲଟ ନଂ | ରକବା (ଏକରରେ) | ବର୍ତ୍ତମାନର କିସମ | ଆବଶ୍ୟକ ପରିବର୍ତ୍ତିତ ଖାତା |
|---|---|---|---|---|
| ୭୦୭ (ରକ୍ଷିତ) | ୯୪୩/୧ | ଏ. ୭.୭୧ ମଧ୍ୟରୁ ଏ. ୦.୨୦୦ | ଉନ୍ନତ ଯୋଜନା ଯୋଗ୍ୟ | ଖାତା- ଆବାଦ ଯୋଗ୍ୟ ଅନାବାଦୀ କିସମ-ପତିତ |
| **ମୋଟ** | | **ଏ. ୦. ୨୦୦** | | |

ଏହାର ଏକକିତା ନକଲ ବଡ଼ଯୋଡ ମୌଜାରେ ଢେଙ୍ଗୁରା ଦ୍ଵାରା ଜାରି କରିବାକୁ ପଠାଗଲା । ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରିପଦା / ବଡ଼ଯୋଡ ଗ୍ରାମ ପଂଚାୟତ କାର୍ଯ୍ୟାଳୟ / ରାଜସ୍ଵ ନିରୀକ୍ଷକ, କୃଷ୍ଣଚନ୍ଦ୍ରପୁରଙ୍କ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦିଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ ବାରିପଦା ତହସିଲ ଅଫିସ ନୋଟିସବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦା ଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

*(signature)*

ତହସିଲଦାର,ବାରିପଦା

TAHASILDAR
BARIPADA